# ବିଧାନସଭା ସମ୍ମୁଖରେ ଧାରଣାରତ ସଙ୍ଗଠନ ମାନଙ୍କ ଆନ୍ଦୋଳନରେ ସାମିଲ ହେଲା ବିଜେପି ପ୍ରତିନିଧି ଦଳ

**ଭୁବନେଶ୍ୱର, ତା.୦୬/୦୯:** ବିଧାନସଭା ସମୟରେ ନିଜର ବିଭିନ୍ନ ଦାବୀ ନେଇ ଧାରଣା ଦେଇଥିବା ଓଡିଶା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଓ ଓଡିଶା ରାଜ୍ୟ ପଂଚାୟତ ସମିତି ସଭ୍ୟ/ସଭ୍ୟା ମହାସଂଘ ପରି ସଙ୍ଗଠନ ମାନଙ୍କର ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇ ବିଜେପିର ଏକ ପ୍ରତିନିଧି ଦଳ ସେମାନଙ୍କୁ ସମର୍ଥନ ଜ୍ଞାପନ କରିଛନ୍ତି ।

ଦଳର ବରିଷ୍ଠ ନେତ୍ରୀ ସୁରମା ପାଢୀ, ଭୃଗୁ ବକ୍ସିପାତ୍ର, ଗୋଲକ ମହାପାତ୍ର ଓ ପଂଚାନନ ନାଏକ ପ୍ରମୁଖ ଆଜି ଧାରଣା ସ୍ଥଳକୁ ଯାଇ ସେମାନଙ୍କ ଧାରଣାରେ ସାମିଲ ହେବାସହ ବିଜେପି ପକ୍ଷରୁ ତାଙ୍କୁ ସମ୍ପୂର୍ଣ ଭାବେ ସମର୍ଥନ କରିଥିଲେ ।

ଗଣତନ୍ତ୍ରରେ ନିଜର ଅଧିକାର ହାସଲ ପାଇଁ ଧାରଣା, ଆନ୍ଦୋଳନ ଏକ ମାଧ୍ୟମ ହୋଇଥିବା ବେଳେ ରାଜ୍ୟ ସରକାର ତୁରନ୍ତ ଏହି ଦୁଇଟି ସଙ୍ଗଠନର କର୍ମକର୍ତା ମାନଙ୍କୁ ଡାକି ସେମାନଙ୍କର ଦାବୀ ପୂରଣ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ ।

**(ବିଜେପି ମିଡିଆ ସେଲ୍)**